# ଅରୁଲି
# ଗାଇବା ଚାଲ

ଦାଶ ବେନହୁର



Digitized by srujanika@gmail.com

# 'ଅ' ରୁ 'ଳ',
# ଗାଇବା ଚାଲ

ଦାଶ ବେନହୁର

ଆମ ଓଡ଼ିଶା
ĀMA ODISHĀ

Digitized by srujanika@gmail.com

# 'ଅ' ରୁ 'ଲ', ଗାଇବା ଚାଲ

## (ଶିଶୁ ଗୀତ)


ଲେଖକ

**ଦାଶ ବେନହୁର**



ଚିତ୍ର: **ବଳଦେବ ମହାରଥୀ**

ପ୍ରକାଶକ : ଆମ ଓଡ଼ିଶା

ମୁଦ୍ରାକର : ପ୍ରିଣ୍ଟ୍-ଟେକ୍ ଅଫ୍‌ସେଟ୍ ପ୍ରା.ଲି.

ଭୁବନେଶ୍ୱର-୨୪

ପ୍ରଥମ ପ୍ରକାଶ : ୨୦୧୨

ମୂଲ୍ୟ : **ଟ.୪୫/-**

ISBN : 978-81-89436-36-0

Digitized by srujanika@gmail.com

## କଥା ପଦେ

ଲେଖିବା ଆଗରୁ ଆମେ କଥା କହିବା ଶିଖିଥାଉ । ଅତି ସାନପିଲା ସହଜରେ କହିପାରେ ହେଲେ ଲେଖି ଶିଖିବାପାଇଁ ତା'କୁ ସମୟ ଲାଗେ । ଲେଖିବା ଲାଗି ଅକ୍ଷର ଶିକ୍ଷା କରିବା ଦରକାର । ତାହା ଆଗରୁ ଅକ୍ଷର ପରିଚୟ ଏକ ଦରକାରୀ କଥା । ସହଜରେ ପିଲାମାନେ ଅକ୍ଷରସବୁକୁ ଜାଣି ମନେରଖିବା ପାଇଁ ଏ ଛବିବହିଟି ତିଆରି କରାଯାଇଛି । ବଡ଼ ଜଣେ ଥରେ ଦୁଇଥର ପଦଯାକ ପଢ଼ି ପିଲାକୁ ଶୁଣେଇଦେଲେ ସେ ଆପେ ଗୀତ-ଧାରାରେ ଅକ୍ଷରଗୁଡ଼ିକୁ ଜାଣି ମନେରଖି ପାରିବ ।

Digitized by srujanika@gmail.com



ଅ

ଆ

ଇ

'ଅ' ରେ ଅଜା,
'ଆ' ରେ ଆଈ,
ଇଂଜିନ୍ ଚାଲୁଛି ଘାଇଁକି ଘାଇଁ ।୧।



Digitized by srujanika@gmail.com

ଈ

ଈଶାନ କୋଣରେ
ମାଉସୀ ଘର,
ଉଖୁଡ଼ା ମିଠେଇ
ଯୋଗାଡ଼ କର ।୨।

ଉ



Digitized by srujanika@gmail.com

ଊ

ଊଣା କଲେ ମନ
ଖରାପ ଲାଗେ,
ଋଣ କରିଥିଲେ
ଶୁଝିବ ଆଗେ ।୩।

ଋ

Digitized by srujanika@gmail.com

୮

ଏଇ ଛାଡ଼ିଦେଲା
    ରେଏଳ ଗାଡ଼ି,
ଐରାବତ ପରି
    ଯାଉଛି ମାଡ଼ି ।୪।

ଐ



Digitized by srujanika@gmail.com

ଓ

ଓକାଳି ହେଉଛି
ଜରରେ ହରି ,
ଔଷଧ ଖୁଆଅ
ଯତନ କରି ।୫।

ଔ





Digitized by srujanika@gmail.com



କ

କଳା ମେଘ ଦେଖି
ମୟୂର ନାଚେ,
ଖରାରେ ସପୁରି
ପଣସ ପାଚେ ।୨।

ଖ



Digitized by srujanika@gmail.com

ଗ

ଗରଜେ ବାଦଲ
କେଉଁଠି ଥାଏ,
ଘଡ଼ିକ ଭିତରେ
କୁଆଡ଼େ ଯାଏ ।୬।

ଘ

Digitized by srujanika@gmail.com

ଙ

'ଙ'ର ପଛରେ
ଛୋଟିଆ ଗୋଲି ,
ଚଇତ ଆଗରେ
ଆସଇ ହୋଲି ।୮।

ଚ



Digitized by srujanika@gmail.com

ଛ

ଜ

ଛତୁ ଆଂବିଳକୁ
ପୋଟଳ ଭଜା,
ଜରୁଆ ପାଟିକୁ
ବଢ଼ିଆ ମଜା ।୯।

Digitized by srujanika@gmail.com



ଝ

ଝରି ଭାଇ ଧୀରେ
ବସଇ ଭାଳି,
'ଞ' ଲେଖୁଲେଖୁ
ସରିଲା କାଳି ।୧୦।

ଞ



Digitized by srujanika@gmail.com

ଟ

ଠ

ଟମକ ବଜାଇ

ଆସୁଛି ଗାଡ଼ି,

ଠନ୍‌ଠନ୍ କରି

ଯାଉଛି ମାଡ଼ି ।୧୧।





Digitized by srujanika@gmail.com



ଡ

ଡମଡମ ବାଜେ

ଡମରୁ ବାଜା,

ଢମ କହା ଆପେ

ବୋଲାଏ ରାଜା ।୧୨।

ଢ



Digitized by srujanika@gmail.com

ଣ

ତ

'ଣ' ପରି ଦିଶେ
ବିଚଣା ଭାଇ,
ତମାଳ ଗଛର
ଗହଳ ଛାଇ ।୧୩।

Digitized by srujanika@gmail.com



ଥ

ଦ

ଥଂଟ ଟାକୁଟାକୁ
ବଗୁଲୀ ବସେ,
ଦଂଡିକିରି ମାଛ
ଥିଇରି ଖସେ ।୧୪।



Digitized by srujanika@gmail.com

ଧ

ନ

ଧନିଆ ଚଟଣି
ପତର ପୋଡ଼ା,
ନଡ଼ିଆ ପାଚେଡ଼ି
ତହିଁକି ଯୋଡ଼ା ।୧୫।





Digitized by srujanika@gmail.com



ପ

ଫ

ପଡ଼ିଆଟା ସାରା
ବଢ଼ିଆ ଘାସ,
ଫଟଫଟିଆରେ
ବୁଲିବା ଆସ ।୧୬।



Digitized by srujanika@gmail.com

ବ

ଭ

ବରଷା ବାହାରେ
କରୁଛି ନାଟ,
ଭରିଦେବ ଆଜି
ପୋଖରୀ ପାଟ ।୧୭।

Digitized by srujanika@gmail.com



ମ

ମଟର ଗାଡ଼ିକି
ଲାଗିଛି ଠେଲା,
ଯଂତର କିଏ ସେ
ବିଗାଡ଼ି ଦେଲା ।୧୮।

ଯ



Digitized by srujanika@gmail.com

ର

ଳ

ରମେଶ ଭାଇନା
ପିଟୁଛି ଝାଂଜ,
'ଳ' ଅକ୍ଷରରେ
ନ ଥାଏ ଲାଂଜ ।୧୯।





Digitized by srujanika@gmail.com



ଓ

'ଓ' ଅକ୍ଷରଟା
ଅଡୁଆ ବଡ଼,
ଶର ପରି ଗୋଜା
କଂଚନ କଢ଼ ।୨୦।

ଶ



Digitized by srujanika@gmail.com

ଷ

ଷଂଢ ବାପୁଡ଼ାର
ନଥାଏ ଘର,
ସକାଳୁ ସକାଳୁ
ଭଜନ କର ।୨୧ ।

ସ

Digitized by srujanika@gmail.com

ହ

କ୍ଷ

ହସ ହସ ସଦା
ରଖିବ ମନ,
କ୍ଷମାଗୁଣ ଭାଇ
ଅସଲ ଧନ ।୨୨।



Digitized by srujanika@gmail.com

ୟ

ଲ

'ୟ' ସହ ଯୋଡ଼ା
ସମୟ କଥା,
ଲୟ ରଖି କାମେ
ଖେଳାଅ ମଥା ।୨୩।

Digitized by srujanika@gmail.com

‘ଅ’ ଠାରୁ ‘ଲ’
ଗାଇବା ଚାଲ,
ଅକ୍ଷର ଡଂଗାରେ
ଉଡ଼ାଇ ପାଲ ।୨୪।

ଅ ଆ ଇ ଈ ଉ ଊ
ଋ ଏ ଐ ଓ ଔ
କ ଖ ଗ ଘ ଙ ଚ ଛ
ଜ ଝ ଞ ଟ ଠ ଡ

ଢ ଣ ତ ଥ ଦ ଧ
ନ ପ ଫ ବ ଭ ମ
ଯ ର ଳ ୱ ଶ ଷ ସ
ହ କ୍ଷ ୟ ଲ ଂ ଃ ଁ

Digitized by srujanika@gmail.com

ଅ ଆ ଇ ଈ ଉ ଊ

ଋ ଏ ଐ ଓ ଔ

କ ଖ ଗ ଘ ଙ ଚ ଛ

ଜ ଝ ଞ ଟ ଠ ଡ

ଢ ଣ ତ ଥ ଦ ଧ

ନ ପ ଫ ବ ଭ ମ

ଯ ର ଲ ୱ ଶ ଷ ସ

ହ କ୍ଷ ୟ ଳ

ଂ ଃ ଁ



Digitized by srujanika@gmail.com

ଆମ ଓଡ଼ିଶା
ĀMA ODISHĀ

ISBN - 978-81-89436-36-0

Digitized by srujanika@gmail.com